# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 6 February - 2025

---

## ଷୋଡ଼ଶ ଅର୍ଥ କମିଶନ

ଓଡ଼ିଶା ଗସ୍ତରେ ଆସିଥିବା ଷୋଡଶ ଅର୍ଥ କମିଶନର ଅଧ୍ୟକ୍ଷ ଅରବିନ୍ଦ ପନ୍‌ଗଡ଼ିଆ ଏବଂ ସଦସ୍ୟଙ୍କ ସହ ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହେବ । କମିଶନ ଗତକାଲି ପୁରୀ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ରାଜଭବନରେ ବରିଷ୍ଠ ଅଧିକାରୀଙ୍କ ସହ ପୁରୀ ସହରର ଉନ୍ନତିକରଣ, ଭିତ୍ତିଭୂମି ବିକାଶ, ଐତିହ୍ୟ ସଂରକ୍ଷଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀ ସଡ଼କ ପ୍ରକଳ୍ପ

ରାଜ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ପ୍ରକଳ୍ପ ଯୋଜନାରେ ଅତିରିକ୍ତ ୭୮ଟି ସଡ଼କ ପ୍ରକଳ୍ପ ସାମିଲ କରାଯିବ । ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିବା ସହ ଡିପିଆର୍ ପ୍ରସ୍ତୁତି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୪୨୫ଟି ସଡ଼କ ପ୍ରକଳ୍ପ ସାମିଲ

କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୫ଶହ ଅଣଷଠୀ କୋଟି ଟଙ୍କା ମୂଲ୍ୟର ୭୮ଟି ସଡ଼କ ପ୍ରକଳ୍ପ ସାମିଲ କରାଯିବ ।

## ମୁଖ୍ୟମନ୍ତ୍ରୀ-ସହାୟତା

ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୋକବ୍ୟକ୍ତ କରିଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପାଣ୍ଠିରୁ ମୃତକଙ୍କ ପରିବାର ବର୍ଗଙ୍କୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି ।

## ସ୍ୱତନ୍ତ୍ର ନୀତି ପ୍ରଚଳନ

ରାଜ୍ୟ ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଚଳନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ଚିଠା କମିଟି ଗଠନ କରାଯାଇଛି । ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ୧୬ଜଣ ସଦସ୍ୟ ଅଛନ୍ତି ।

## ସଡ଼କ ସୁରକ୍ଷା ବୈଠକ

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆଙ୍କ ଅଧ୍ୟକ୍ଷତାରେ କଟକ ପୁଲିସ ମୁଖ୍ୟାଳୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଶ୍ରୀ ଖୁରାନିଆ ସଡ଼କ ଦୁର୍ଘଟଣାଜନିତ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

### କୃମିନାଶକ ଦିବସ

ରାଜ୍ୟରେ ଆସନ୍ତା ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ୧୦ ତାରିଖ ଏବଂ ୧୭ ତାରିଖରେ କୃମିନାଶକ ଔଷଧ ବଣ୍ଟନ କରାଯିବ। ଏଥିରେ ୧ କୋଟି ୪୬ଲକ୍ଷ ବାଳକବାଳିକା ଏବଂ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଔଷଧ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ।

## ଏସ୍‌ସିବି-କୂଳସଚିବ

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ନୂତନ କୂଳସଚିବ ଭାବେ ସୁବାସ ଚନ୍ଦ୍ର ରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ହସ୍ପିଟାଲର ସମସ୍ତ

କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ସହ ରୋଗୀ ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବବୋଲି ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ରାୟ କହିଛନ୍ତି ।

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ୨୧ତାରିଖରୁ ଆରମ୍ଭ ହେବାକୁଥିବା ମାଟ୍ରିକ ପରୀକ୍ଷା ପାଇଁ ଆସନ୍ତା ୧୨ ତାରିଖରୁ ନୋଡାଲ କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବ । ସୂଚନା ଅନୁଯାୟୀ ୧୯ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତବର୍ଷ ୩୦ଟି ଜିଲ୍ଲାର ୩ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷ ୨୦ହଜାର ୬୪୯ଜଣ ପରୀକ୍ଷା ଦେବେ ।

## ଡିଇଏଲ୍‌ଇଡି ପରୀକ୍ଷାଫଳ

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଡିଇଏଲ୍‌ଇଡି ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ୫୭ଜଣଙ୍କ ମଧ୍ୟରୁ ୫୧ଜଣ କୃତକାର୍ଯ୍ୟ ହୋଇଛନ୍ତି ।

# ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ଏନ୍.ଏସ୍.ଏସ୍‌ର ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ୨୭୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ସଂସ୍ଥାନ ଆଦି ପରିଭ୍ରମଣ କରିବେ ।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରଦର୍ଶନୀରେ ଭାରତ ସମେତ ଜର୍ମାନୀ, ଇଂଲଣ୍ଡ, ଭିଏତ୍‌ନାମ, ସାଉଥ୍‌କୋରିଆ ଆଦି ଦେଶର ଶିଶୁ ଚିତ୍ରଶିଳ୍ପୀମାନଙ୍କର ଚିତ୍ରକଳାକୁ ପ୍ରଦର୍ଶିତ କରାଯାଇଛି ।

# ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ

ପୋଲିସ ସେବା ଭବନରେ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି ଆସନ୍ତାକାଲି ଉଭୟ କ୍ରିକେଟ ଟିମ୍ ଭୁବନେଶ୍ୱରରେ ପହଞ୍ଚିବେ ଓ ୮ ତାରିଖ ଶନିବାର ଦିନ ଷ୍ଟାଡିୟମରେ ଅଭ୍ୟାସ କରିବେ । ମ୍ୟାଚ୍ ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବାକୁ ଥିବାବେଳେ ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେବାକୁ ବାରଣ କରାଯାଇଛି । ମ୍ୟାଚ୍ ପାଇଁ ଗତକାଲି କାଉଣ୍ଟରରେ ୧୧ହଜାରରୁ ଅଧିକ ଟିକଟ ବିକ୍ରି ହୋଇଛି । ଏ ସମ୍ପର୍କରେ କଟକ ଡିସିପି ଜଗମୋହନ ମୀନା କହିଛନ୍ତି...

**V/o-**

# ରୋଇଂରେ ଓଡ଼ିଶାକୁ ରୌପ୍ୟ

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରୋଇଂରେ ଓଡ଼ିଶା ୨ଟି ରୌପ୍ୟପଦକ ହାସଲ କରିଛି । ଗତକାଲି ଅନୁଷ୍ଠିତ ପୁରୁଷ ଡବଲ୍ସ ପର୍ଯ୍ୟାୟରେ ଓଡ଼ିଶାର ଶତନାମ ସିଂହ ଏବଂ ପରମିନ୍ଦର ସିଂହଙ୍କୁ ଏହି ସଫଳତା ମିଳିଛି । ସେହିପରି ମହିଳା ବର୍ଗରେ ସୋନାଲି ସ୍ୱାଇଁ, ନୀତିକା ଡାନେସ୍ୱର, ଅଭିନାଶ କୌର ଓ ଝରଣା ହସ୍ତୀଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।